| Hindu temple | $750 |
| Safety | $250 |
| Dhola | $300 |
| Flower and other material | $60 |
| Food (Other) | $100 |

Total $3,248.25

Positive balance income will be used for Jagannath temple project

We would like to thank many volunteers who helped before, on and after ratha jatra day.

**Ratha decoration:** Sikha Sen, Hemangini Behera, Sagarika Pattanaik, Simran Behera

**Prasad:** Anjana Choudhury, Urmila Sahu, Sharmaji, and many volunteers who helped in serving food.

**Deity painting:** Hemangini Behera

We are sure we missed the names of many volunteers but please know that we appreciate every bit of your hard work.

Thank You!

***Bhajan Program sponsors:*** We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Maushumi and Sandip Pattanaik, MD
Ajay and Neeta Mohanty, VA
Debasmita Patra and Abani Pradhan, MD
Jhinu and Santanu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA
Bhakta Rath, VA
Urmila Mohapatra, MD
Rosy and Biswa Mohapatra, VA
Urmila and Devraj Sahu, MD
Sujit and Pinky Das, VA

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priest Pitambar Dutt Sharmaji has been very resourceful. We also thank Sharmaji and his family for their support of our programs.

## Wise Thoughts:

"Science investigates; religion interprets. Science gives man knowledge, which is power; religion gives man wisdom, which is control. Science deals mainly with facts; religion deals mainly with values. The two are not rivals."—Dr. Martin Luther King Jr.




## ୱାସିଂଟନ୍ ଡିସି ଅଞ୍ଚଳର ବିଷୁବମିଳନ, ପଣାସଂକ୍ରାନ୍ତି ଓ ଉତ୍କଳଦିବସ କାର୍ଯ୍ୟକ୍ରମ

ବିଜ୍ଞାନୀ ଦାସ

ଏପ୍ରିଲ୍ ୨୧ ତାରିଖର ସୁନ୍ଦର ଅପରାହ୍ନ । ଯୁକ୍ତରାଷ୍ଟ୍ର ଦେଶର ମେରୀଲାଣ୍ଡ୍ ରାଜ୍ୟରେ ସତେକି ବସନ୍ତ ଆଜି ହିଁ ତା ରୂପ ଓ ମଳୟର ସମ୍ଭାର ନେଇ ପହଞ୍ଚିଥିଲା । ଗେଥେର୍ସ୍ବର୍ଗ ସହରର ମନୋଜ ଓ ମିତା ପଣ୍ଡାଙ୍କ ବାସଭବନରେ କୋଡିଏ-ତିରିଶିଟି ଓଡିଆ ପରିବାର ଏକତ୍ରିତ ହୋଇଥିଲେ ବିଷୁବ ମିଳନ ଉପଲକ୍ଷେ କବିତାପାଠ କରିବା ପାଇଁ ଓ ତା’ ସହିତ ପଣାସଂକ୍ରାନ୍ତି ଓ ଓଡିଶା ଦିବସ, ଅର୍ଥାତ୍ ଉତ୍କଳ ଦିବସ ପାଳନ କରିବାପାଇଁ । ସୁନ୍ଦର ପଣା ସଜାହୋଇ ରହିଥିଲା, ପ୍ରସ୍ତୁତ ହୋଇଥିଲା ଉର୍ମିଳା ସାହୁଙ୍କର ନିଜଦ୍ୱାରା ଉଦ୍ଭାବିତ ସ୍ୱତନ୍ତ୍ର ଶୈଳୀରେ, ନଡିଆ, ଛେନା, ଗୋଲମରିଚ ଗୁଣ୍ଡ ଓ ଅଳେଇଚର ବାସ୍ନାରେ । ସମସ୍ତ ଓଡିଆ ପରିବାର ପ୍ରଥମେ ପହଞ୍ଚି ପଣାଦ୍ୱାରା ହିଁ ଆପ୍ୟାୟିତ ହେଲେ । ତା ସାଙ୍ଗକୁ ଥିଲା ଓଡିଆ ଜଳଖିଆ, ଦହିବରା, ଆଳୁଦମ୍, ଗୁଗୁନି, ସିଙ୍ଗଡା, ପକୁଡି, ଚାଟ୍ ଓ ଛେନାପକୁଡି । ପରିସରଟି ଅତି ସାଧାରଣ ଶୈଳୀରେ ଓଡିଆ ଛାପରେ ସଜା ହୋଇଥିଲା । ଜଳଖିଆ, ପଣାପାନ ଓ ଗପଶପ ପରେ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ ।

ପ୍ରଥମ କାର୍ଯ୍ୟକ୍ରମ ଥିଲା ଉତ୍କଳ ଦିବସକୁ ନେଇ । "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତର ମୂର୍ଚ୍ଛନା ସମସ୍ତଙ୍କୁ ଉଦ୍‌ବୋଧିତ କଲା । ଏବେ ଯଦିଓ ଓଡିଶା କେବଳ ଉତ୍କଳକୁ ବୁଝାଏନି ଓ କେତେକ ବନ୍ଧୁ ସେ ବିଷୟରେ ପୂର୍ବରୁ ଯୁକ୍ତିକରି ଏ ଦିବସଟିକୁ "ଉତ୍କଳ ଦିବସ" ନ କହି "ଓଡିଶା ଦିବସ" ରୂପେ ପାଳନ କରିବା ଉଚିତ ବୋଲି ମନ୍ତବ୍ୟ ପ୍ରକାଶ କରିଛନ୍ତି, ତେବେ "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତର ଅର୍ଥ ସେସବୁର ଉର୍ଦ୍ଧ୍ୱରେ କେବଳ ନିଛକ୍ ଦେଶଭକ୍ତିର ଆହ୍ୱାନ ଆଣିଦିଏ । ସଙ୍ଗୀତ ଗାନ ପରେ ମନୋଜ ପଣ୍ଡା ତାଙ୍କ ରଚିତ ଏକ ଦେଶାତ୍ମବୋଧକ କବିତା ପରିବେଷଣ କଲେ । ତାପରେ ଡକ୍‌ଟର୍ ଜୟଗୋପାଳ ମହାନ୍ତି ଆବୃତ୍ତି କରିଥିଲେ ମଧୁସୁଦନ ଦାସଙ୍କର "ଉଠରେ ଉଠରେ ଉତ୍କଳ ସନ୍ତାନ" କବିତା । ଆମେମାନେ ଜନ୍ମହେବା ପୂର୍ବରୁ ଓଡିଶା ସ୍ୱତନ୍ତ୍ର ହୋଇସାରିଥିଲା । ତେଣୁ ସେ ସମୟର ପ୍ରତ୍ୟକ୍ଷ ଅନୁଭବ ଆମର ନଥିବା ସତ୍ତ୍ୱେ ମଧ୍ୟ, ଆମେ ଅନୁଭବ କରିପାରୁଥିଲୁ ସେ ସମୟର ସଂଘର୍ଷକୁ ଓ ଓଡିଶାର ସେ ବରେଣ୍ୟ ନେତୃବୃନ୍ଦଙ୍କ ପାଇଁ ଆମର ହୃଦୟରେ ସଞ୍ଚାରିତ ହେଉଥିଲା ଅଶେଷ ଶ୍ରଦ୍ଧା ଓ ସମ୍ମାନ ।

ଡକ୍‌ଟର୍ ବବ୍ରୁ ସାମଲ ଓଡିଆ ଭାଷା ଉପରେ ଛୋଟ ଟିପ୍‌ପଣୀ ଦେଇଥିଲେ । ଭାଷାକୁ ଉଦ୍ଧାର କରିବାକୁ ପ୍ରୟାସରେ ଥିବା ଆମର ଓଡିଆ ବରପୁରୁଷମାନେ ବିଭିନ୍ନଦିଗରୁ ଓଡିଆ ଭାଷାକୁ ବଞ୍ଚାଇବାର ଚେଷ୍ଟାରେ ନିୟୋଜିତ ଥିଲେ । ଓଡିଆ ଭାଷାକୁ ବଞ୍ଚାଇବାରେ ଓଡିଆ ବର୍ଣ୍ଣବୋଧର ଭୂମିକା ଅବର୍ଣ୍ଣନୀୟ । ବର୍ଣ୍ଣବୋଧରେ ରହିଥିବା ଶବ୍ଦ ସଂଯୋଜନା, ବ୍ୟାକରଣ ଓ ସାବଲୀଳ ଉପାୟରେ ଭାଷାକୁ ଶିଖେଇବାର ଶୈଳୀ ଅବଲମ୍ବନ କଲେ ଯେ କୌଣସି ବ୍ୟକ୍ତି ଅତି ସହଜରେ ଭାଷା ଶିଖିବାରେ ସମର୍ଥ ହୋଇପାରିବ ।

ବିନୋଦ ନାୟକ ଏହି ଅବସରରେ ଗୋପବନ୍ଧୁ ଦାସଙ୍କ ବିଷୟରେ ଛୋଟ ଟି'ଣୀ ଦେଇଥିଲେ । ତାପରେ ତାଙ୍କର ବାପା, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଲକ୍ଷ୍ମୀଧର ନାୟକଙ୍କର ଅନୁଭୂତିକୁ ନେଇ ରଚିତ ଏକ କବିତା "ସ୍ୱପ୍ନେ ଓ ଜାଗରଣେ" ପଢିଥିଲେ । ସିଂହଭୂମିରେ ରହିଥିବା ଓଡିଆମାନଙ୍କର ୧୯୩୬ ମସିହାର ମାନସିକତା ଓ ତା' ପରର ମାନସିକତାକୁ ନେଇ ସେ କବିତାଟି ରଚିତ ହୋଇଥିଲା । ଲକ୍ଷ୍ମୀଧର ନାୟକଙ୍କର ପରିବାର ସେ ସମୟରେ ସିଂହଭୂମିରେ ରହୁଥିଲେ ଓ ସିଂହଭୂମିରେ ରହୁଥିବା ଓଡିଆମାନେ ସେ ସମୟରେ ଓଡିଶା ସହିତ ମିଶିଯିବାକୁ ଚାହିଁଥିଲେ । ହେଲେ ସେମାନଙ୍କର ସ୍ୱପ୍ନ ପୂରଣ ହୋଇପାରିନଥିଲା । ସେମାନେ ଓଡିଆ ହୋଇ ବି ଓଡିଶାରୁ ବିଚ୍ଛିନ୍ନ ହୋଇ ରହିଗଲେ ।

ଉତ୍କଳ ଦିବସ କାର୍ଯ୍ୟକ୍ରମ ସେତିକିରେ ଶେଷ ହୋଇଥିଲା ଓ ଆମର ବିଷୁବମିଳନର କବିତାପାଠ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଆମର ପରପିଢିର ପିଲାମାନଙ୍କ ଠାରୁ । ଆରାଧ୍ୟ ପ୍ରଧାନ ପଢିଥିଲା, "ସବୁ ଯିବ ଓଲଟି" । ଅନୁ ବିଶ୍ୱାଳ ତାଙ୍କ ନାତୁଣୀ "ସାଫିଆ ବିଶ୍ୱାଳ" ଦ୍ୱାରା ରଚିତ ଇଂରାଜୀ କବିତା "ମାଇଁ ମନ୍‌ଷ୍ଟର୍" ପଢି ଶୁଣାଇଥିଲେ । ତାପରେ ଅମ୍ରିତା ସାହୁ ପଢିଥିଲା ତାର ସ୍ୱରଚିତ କବିତା ଦୁଇଟି "ଫ୍ରେଣ୍ଡ୍‌ସ୍" ଓ "ହୋଲ୍‌ଡ୍ ଅନ୍" । ଆମେମାନେ ଓଡିଆ କବିତା ସହିତ ପାଲାମାନଙ୍କ ଦ୍ୱାରା ରଚିତ

ଇଂରାଜୀ କବିତା ପାଠ କାର୍ଯକ୍ରମ ବି ମିଶାଇଥାଉ । ସେ ମିଶାଇବାର ପ୍ରଧାନ ଉଦ୍ଦେଶ୍ୟ ହେଲା ସାହିତ୍ୟ ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କର ଭାବନାକୁ ତ୍ୱରାନ୍ୱିତ କରାଇବା ।

ଡକ୍ଟର୍ ସୁରେନ୍ଦ୍ର ରାୟ କବିତା ପାଠ ଉପରେ ମନ୍ତବ୍ୟ ଦେଇ ଜଣେଇଥିଲେ ଯେ, କବିତା ପାଠ ସହିତ ଆମମାନଙ୍କୁ ଓଡିଶାର ରୋଷେଇ, ହସ୍ତଶିଳ୍ପ ଓ ଅନ୍ୟାନ୍ୟ ଅନନ୍ୟ ପ୍ରତିଭାକୁ ବିଶ୍ୱଜଗତରେ ପ୍ରସାର କରେଇବାକୁ ପଡିବ । ତାଙ୍କ ଦ୍ୱାରା ପରିଚାଳିତ ହେଉଥିବା odishagateway.com ୱେବ୍‌ସାଇଟ୍ ମାଧ୍ୟମରେ ସେସବୁ ପ୍ରଚାର କରାଇବାକୁ ସିଏ ଉତ୍ସୁକ ଓ ସେଥିପାଇଁ ସିଏ ସମସ୍ତଙ୍କ ସହଯୋଗ ଆଶାକରନ୍ତି ବୋଲି ଜଣେଇଥିଲେ ।

ଏହାପରେ ଡକ୍ଟର୍ ଶଶଧର ମହାପାତ୍ର ପଢି ଶୁଣେଇଥିଲେ ତାଙ୍କ କବିତା ଦୁଇଟି, ‘‘ତୁମେ ପ୍ରଭୁ ମହାଦାନୀ’’ ଓ ‘‘ଏ କି ବିଚାର ପ୍ରଭୁ’’ । ଡକ୍ଟର୍ ଦେବସ୍ମିତା ପ୍ରଧାନ ନିଜ ସ୍ମୃତିରୁ ଶୁଣେଇଥିଲେ ଓଡିଆ କବିତା ‘‘ବାରବାଟୀ ବକ୍ଷେ’’ । ଅନ୍ୟାନ୍ୟ କବିତା ମାନଙ୍କ ମଧ୍ୟରେ ଝିନୁ ଛୋଟରାୟଙ୍କର ‘‘ଅତିଲିପ୍ସା’’, ଡକ୍ଟର୍ ବିଜ୍ଞାନୀ ଦାସଙ୍କର ‘‘ଦୁର୍ଗମ ପଥେ’’, ଡକ୍ଟର୍ ଦେବରାଜ ସାହୁଙ୍କର ‘‘ସାହିବ ଲାଙ୍ଗୁଏଜ୍’’, ଡକ୍ଟର୍ ବନ୍ଧୁ ସାମଲଙ୍କର ‘‘ଜୀବନ ମନ୍ଦାକିନୀ’’, ଡକ୍ଟର୍ ଶୀଖଣ୍ଡ ଶତପଥୀଙ୍କର ‘‘ଉର୍ଦ୍ଧ୍ୱପତ କଲ୍ଲୋଳ’’, ମନୋଜ ପଣ୍ଡାଙ୍କର ‘‘ବଉଳକୁ ଚିଠି’’, ଅଞ୍ଜନା ଚୌଧୁରୀଙ୍କର ‘‘ଆଶାୟୀ ସକାଳ’’ ଓ ସୁଲୋଚନା ପଟ୍ଟନାୟକଙ୍କର ‘‘ବସନ୍ତ କହୁଛି’’ ଓ ‘‘ଚିଠି ଓ ଉତ୍ତର’’ କବିତା ସମସ୍ତ ପରିବେଷିତ ହୋଇଥିଲା । ଏତଦ୍ ବ୍ୟତୀତ ଅତସୀ ଦାସ ମିଡିଆରୁ ଆନୀତ ଏକ କବିତା ‘‘ସିଲଟ କାହାଣୀ’’ ପଢି ଶୁଣାଇଥିଲେ ଓ ଶିଖଣ୍ଡ ଶତପଥୀ ତାଙ୍କ ବନ୍ଧୁ ପ୍ରଶାନ୍ତ ପଣ୍ଡାଙ୍କ କବିତା ‘‘ନ କହୁ କେହି ଧରଣୀ ବକ୍ଷେ ଭୀରୁ ଓଡିଆ ଜାତି’’ ପଢିଥିଲେ ।

ଉପରୋକ୍ତ କବିତା ପାଠୋତ୍ସବ କାର୍ଯ୍ୟକ୍ରମଟି ମେରୀଲାଣ୍ଡ୍‌ର ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିଲା । ବର୍ଷରେ ଦୁଇଥର, ଥରେ ବସନ୍ତରେ ଓ ଥରେ ଶରତରେ ଏ କବିତାପାଠ କାର୍ଯ୍ୟକ୍ରମ ଗତ ସାତବର୍ଷ ଧରି ଯୋଗ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଆସୁଛି । ଏପ୍ରିଲ୍ ମାସରେ ବାସନ୍ତିକ କବିତାପାଠ ସହିତ ପଣାସଂକ୍ରାନ୍ତି ଓ ଉତ୍କଳ ଦିବସର କାର୍ଯ୍ୟକ୍ରମକୁ ମିଶାଇଦିଆଯାଏ ।

କବିତାପାଠ ଶେଷରେ ଡକ୍ଟର୍ ନରେଶ ଦାସ ସମସ୍ତଙ୍କୁ ଯୋଗର ଜଗନ୍ନାଥ ମନ୍ଦିର ସମ୍ବନ୍ଧୀୟ ବର୍ତ୍ତମାନର ସ୍ଥିତି ସମ୍ବନ୍ଧରେ ସୁଚନା ଦେଇଥିଲେ ।

ରାତ୍ରଭୋଜନ ପାଇଁ ପ୍ରସ୍ତୁତ ହୋଇ ରହିଥିଲା ନାନା ସୁସ୍ୱାଦୁ ବ୍ୟଞ୍ଜନ । କବିତା ପାଠୋତ୍ସବରେ ଭାଗ ନେଇଥିବା ସମସ୍ତ ଓଡିଆ ପରିବାର ଯତ୍ନର ସହିତ ପ୍ରସ୍ତୁତ କରିଥିଲେ ଘାଣ୍ଟ ତରକାରୀ, ଆମ୍ବଖଟା, ଶାଗ,

ଭେଣ୍ଡି, ଦହି ବାଇଗଣ, ଆଳୁ-ବାଇଗଣ-ଛୁଇଁ ତରକାରୀ, ଛୋଲେ ଓ ଆହୁରି ଅନେକ କିଛି । ତା ସହିତ ଥିଲା କେତେ ରକମର ଫଳ, ପିଠା ଓ ମିଠା, ଏଣ୍ଡୁରି ପିଠା, କାକରା, ପୋଡପିଠା, ରସଗୋଲା, ଛେନାପୋଡ, କ୍ଷିରି ଓ ଗୋଲାପ ଜାମୁ ।

ସମସ୍ତେ ଅତି ମନଖୁସିରେ ଖାଇପିଇ, ମନଇଛା ଗପକରି, ପରସ୍ପରକୁ ସ୍ନେହଦାନ କରି ବିଦାୟ ନେଇଥିଲେ କବିତାପାଠ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସୁଲୋଚନା ପଟ୍ଟନାୟକ ।

କବିତାପାଠର ସ୍ମୃତି ସାଇତି ରଖିବାକୁ କ୍ୟାମେରାରେ ଫଟୋ ନେଇଥିଲେ ଡକ୍ଟର୍ ବଭ୍ରୁ ସାମଲ । ସେସବୁ ଫଟୋ ଆପଣମାନେ ଦେଖିପାରିବେ ନିମ୍ନରେ ଦିଆଯାଇଥିବା ତାଙ୍କ ଓ୍ୱେବ୍‌ପେଜ୍‌ରେ

http://www.babru.com/Kabita18



# Two Poems

Amrita Sahu, Herndon, Virginia

## Footprints

Every step
Every mark made on the face of the Earth
In the sand that builds our society
However
Time, wind, water
Nature has the power to sweep it all away
In one blow
Therefore, one must always
Take care
To see, to plan where they step
What marks they make

What about your
Footprints?

Remembered forever?
Or erased by others
Are they
Building new bridges?
New pathways for lost souls to follow?
Or are they
Confusing and twisting
Because maybe you haven't yet
Found your own place
All one needs to do
To know
Is look down
At the footprints that they have left behind

## Hold On

Hold on to the colors
Even if they slip away
Hold on to the blue of the ocean
Even if it colors the sky
Hold on to grassy green
Even if it is greener on the other side
Hold on to the sunshine yellow
Even if it seems too bright
Hold on to the fiery orange
Even if it burns your hand
Hold on the chocolate brown earth
Even if it helps you stand
Hold on to the purple vineyard grapes
Even if it seeks to avoid you
Hold on to the colors of the world
Especially when everything seems gray



# ସବୁଯିବ ଓଲଟି

**ଝୁମୁକା (୧୯୭୫ ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ); ଲେଖକ ଓ ପ୍ରକାଶକ-ରାମକୃଷ୍ଣ ନନ୍ଦ**
**(ଆହେ ଦୟାମୟ ବିଶ୍ୱବିହାରି ର ସ୍ରଷ୍ଟା)**
**ସଁସାର ପ୍ରେସ, କଟକ**



## ପାଠକ-ଆରାଧ୍ୟ ପ୍ରଧାନ
**କଲମ୍ବିଆ, ମେରୀଲାଣ୍ଡ**

ବହିଟିକୁ ଗିଳିଦେଲେ ପାଠ ଯଦି ଆସିବ, ବାଘ ଯେବେ ବଣ ଛାଡି ଘରକଣେ ପଶିବ
ସାପ ଯଦି ଉଡିବେ ଗୋରୁଗଛ ଚଢିବେ, ମହାନଦୀ ପାଣି ଯେବେ ଦୁଧ ଯିବ ପାଲଟି
ସବୁଯିବ ଓଲଟି ।

ଆଠ ଚାରି ମିଶାଇଲେ ହେବ ଯଦି ଚଉଦ, ଆକାଶରୁ ତଳେ ଖସି ପଡିଯିବ ବଉଦ
ନିଆଁ ହେବ କାକର, ବାବୁ ହେବେ ଚାକର, ମାଛ ଦେଖି ଡରି ଯେବେ ପଳାଇବ ଚିଲଟି
ସବୁଯିବ ଓଲଟି ।

ରାତିଯାକ ଖରାପଡି ହେବ ଯେବେ ଆଲୁଅ, କନ୍ଦମୂଳ ପରିମିଠା ହେବ ବଣ ଓଲୁଅ
ଲୁହା ହେବ ନରମ, ପାଣିହେବ ଗରମ, ଗୋଡିପରି ଲାଗିବମୋ କୁନିଭାଇ ଗାଲଟି
ସବୁଯିବ ଓଲଟି ।

ପାଣିରେ ଚାଲିବ ଯଦି ଗାଡି ଘୋଡା ମଟର, ରେଡିଓରୁ ବାହାରିବ ଖାଲି କେଁକଟର
ହନୁକଥା କହିବେ ସିନେମାରେ ଗାଇବେ, ଥିଏଟର ଘରହେବ ଆମ ଇସକୁଲଟି
ସବୁଯିବ ଓଲଟି ।

ମା' ଯଦି ପିଲାଟିକୁ ବିକିଦବ ଖୁସିରେ, କାହିଁକି ମୁଁ ମରୁଥିବି ଇତିହାସ ଘୋସିରେ
ମନସୁଖେ ବୁଲିବି ବାପମା' ଭୁଲିବି, ଗଛଡାଳେ ଝୁଲୁଥିବି ହୋଇଟିକି ଫୁଲଟି
ସବୁଯିବ ଓଲଟି ।

# ମୁଁ ବୋଧେ ଆଶାୟୀ ସକାଳଟିଏ

ଅଞ୍ଜନା  ଚୌଧୁରୀ, ଜର୍ମାନ୍‌ଟାଉନ୍, ମେରୀଲାଣ୍ଡ୍



ଆଶା ମୋର ଚେତନାରେ ଦୀପ୍ତ
ଅପେକ୍ଷା ମୋ ସୁନେଲୀ ସୂର୍ଯ୍ୟକୁ
ଅଦୃଷ୍ଟକୁ ଅଙ୍ଗୀକାର କରି ଶିଶିରର ଶତାଘାତ ପରେ
ବ୍ୟକ୍ତି ସତ୍ତା ମୋର ତଥାପି ନୀରବ, ତଥାପି ନିଶ୍ଚଳ
ମୁଁ ବୋଧେ ଆଶାୟୀ ସକାଳଟିଏ ।

ଝରା କୁସୁମର ବେଦନାରେ ସିକ୍ତ
ସ୍ମୃତି ସବୁ ପ୍ରେରଣା ମୋ' ଅବଶିଷ୍ଟ ଚଲାପଥ ପାଇଁ
ଦରଫୁଟା କଢିର ଶୁଭ୍ରତା ମୋ' ଏକାନ୍ତ ନିଜର
ତା ପୂର୍ଣ୍ଣତାର ସୁଗନ୍ଧରେ ମହକିବ ମୋ ଚଉପାଶ
ମୁଁ ବୋଧେ ଆଶାୟୀ ସକାଳଟିଏ ।

ନିରାଶାର ସାଗର ବକ୍ଷରେ ମୁଁ ଖୋଜୁଛି ଆଶାର ସାମୁକା
ଧ୍ୟାନସ୍ଥ ମୁଁ ବାଲ୍ମିକି ଆଶମେ
ଆସନ୍ତାକୁ ଅନେକ ସ୍ୱାଗତ କରି ଆସିଅଛି ମାଟିର କୋଳରେ
ଧୂମାୟିତ ଆକାଶରେ ଦେଖିଛି ଗଭୀର ନୀଳିମା
ଅପରସୀମ ଅପରିମିତ ଯାତ୍ରା ମୋର ସତ୍ୟ ଓ ସୁନ୍ଦର ।

# ସିଲଟ କାହାଣୀ

ପାଠିକା - ଅତସୀ ଦାସ



ଏଇ ସିଲଟରେ ଦିନେ ଶିଖିଥିଲି
   ଅ··· ଆ····ଇ·····ଈ
ଶିକ୍ଷିତ ହୋଇଲି ଗୁରୁଙ୍କ ହାତରୁ
   କେତେ ଯେ ଚାପୁଡା ଖାଇ
ସିଲଟ ଗଲାଣି ଗୁରୁ ବି ଗଲେଣି
   ଗଲା ଶଇଶବ କାଳ
ଆଜି ସିଲଟକୁ ଦେଖିଲେ ଲାଗୁଛି
   କେତେ ଭଲ ପିଲାବେଳ ।
ଏବେ ଜୀବନର ହିସାବ ଖାତାରେ
   କେତେ ଠାର କେତେ ଗାର
ମନେ ରଖିବିନି ଭାବିଲେ ବି ସବୁ
   ମନେ ପଡେ ବେଳୁବେଳ ।
ଦେବାର ହିସାବ ମନେଅଛି ସବୁ
   ନେବାର ହିସାବ ନାଇଁ
ଉପକାର ସବୁ ଭୁଲି ମୁଁ ଯାଇଛି
   ସ୍ୱାର୍ଥପରଟିଏ ହୋଇ
ସିଲଟ ଏବେ ବି କାନେ କହିଯାଏ
   ଶିଖିଥିଲୁ ଦିନେ ଯାହା
ଓଲଟା କରୁଛି ଅମଣିଷ ପରି
   ବାବୁରେ ସୁଧୁରି ଯା ।

# ତୁମେ ପ୍ରଭୁ ମହାଦାନୀ

**ଶଶଧର ମହାପାତ୍ର, ମେରୀଲାଣ୍ଡ**



କରିଅଛ ଧନ୍ୟ ମୋତେ ଦେଇ ଏ' ଜୀବନ
ତୁମେ ପ୍ରଭୁ ମହାଦାନୀ, ଧନ୍ୟ ତୁମ ଦାନ
ନକରିଛ କୀଟ କି ପତଙ୍ଗ କିଛି ଭାବି
ସୁନ୍ଦର ତୁମ ଦୁନିଆ, ବିଚିତ୍ର ତା' ଛବି
ଜନମ ଦେଲଟି ଏକ ମା'ର କୋଳରେ
ଜୀବନ ତା' କଟିଥିଲା ଭଲପାଇବାରେ
ଯାହାଙ୍କୁ ଚିହ୍ନେଇଦେଲ ଇଏ ତୋ'ର ପିତା
ସହୁଥିଲେ ସଂସାରର ବେଦନା ଓ ବ୍ୟଥା
ଯେତେ ତୁମେ ଦେଇଅଛ ଭାଇ ଓ ଭଉଣୀ
ଭାଇ, ଭଉଣୀଙ୍କ ପ୍ରେମ ଅଭୁଲା କାହାଣୀ
ପଡୋଶୀ, କୁଟୁମ୍ବ, ସାଙ୍ଗସାଥୀମାନେ ମିଶି
ଦେଖିଲେ ମୁରୁକି ମୁରୁକି ଦେଇଥାନ୍ତି ହସି

ପାଦ ତଳେ ଦେଇଅଛ ଦି' ପାଦ ମାଟି
ସେ' ମା' ପାଇଁ ଆଜି ପୂରିଛି ପେଟଟି
ମୁଣ୍ଡ ଉପରେ ଖଞ୍ଜିଛ ଅସୀମ ଆକାଶ
ଦେଖି ହୁଏ ଖୁସି ଜହ୍ନ,ତାରାଙ୍କର ହସ
ଚାରିଆଡେ ଦେଇଅଛ ମୁକୁଳା ପବନ
ତା'ବିନା ଅସମ୍ଭବ ହୁଅନ୍ତା ଜୀବନ
ସ୍ଥଳ ଭାଗେକୁ ଜଳ ତିନି ଭାଗ କଲ
ତଥାପି ମିଳୁନି ପାଣି ପିଇବାକୁ ଭଲ
କି ସୁନ୍ଦର ଗଢିଅଛ ନଦୀ ଓ ସାଗର
କେଉଁ ପାଣି ଲୁଣି ଆଉ କିଏତ ମଧୁର

ପାହାଡ, ପର୍ବତ ଘେରା ସବୁଜ ବନାନୀ
କାନ ପାଶେ ଆସି କହେ କଥା ତୁନିତୁନି
ଗଛରେ ଫୁଟୁଛି ଫଳ, ଫୁଲ ନାନାଜାତି
କେଉଁ ଫଳ ଖଟା ପୁଣି କିଏ ମିଠା ଅତି
କେଉଁ ଫୁଲରେ ଭରିଛ ରଙ୍ଗ ଓ ସୁଗନ୍ଧ
କିଏ ପୂଜାପାଇଁ ଭଲ, କିଏ ହୁଏ ମନ୍ଦ
ପୂଜାଫୁଲେ ସଜାଇଛି ହୃଦ ସିଂହାସନ
ଆସିବକି ଥରେ ପ୍ରଭୁ ଦେଖୁଛି ସପନ
ଏତେ ପଶୁ,ପକ୍ଷୀ ତୁମେ କରିଅଛ ସୃଷ୍ଟି
ମାନିବାକୁ ହେବ ପ୍ରଭୁ ତୁମ ଦୂରଦୃଷ୍ଟି
ଆଲୋକ ପରେ ଅନ୍ଧାର, ଦିନ ପରେ ରାତି
ସବୁଠାରେ ଭରିଅଛି ତୁମ ଦିବ୍ୟ ଜ୍ୟୋତି
ମଣିଷ ଗଢିଲା ବେଳେ ପଡିଲାକି ପତା
ବେଶୀ ହେଲେ ଅସୁର ଓ ଅଳପ ଦେବତା
ଦଙ୍ଗା, ହଙ୍ଗାମା ଘଟୁଛି ଆଜି ନିତିନିତି
ଜାତି, ଧର୍ମ, ବର୍ଣ୍ଣ ନେଇ ଚାଲେ ରାଜନୀତି
ହତ୍ୟା, ଲୁଣ୍ଠନ, ଅନ୍ୟାୟ ଜଗୁଛି ବାଟକୁ
ଭାଇଚାରା ଭାବ ଗଲା ଦକ୍ଷିଣ ଦିଗକୁ

ଚାହୁଁ ଚାହୁଁ ମୋତେ ଆସି ଷାଠିଏ ଟପିଲା
ନିଜ ଉପରେ ବିଶ୍ୱାସ ହେଇଗଲା ଢିଲା
କାଳ ଛଞ୍ଚାଣ କାଟୁଛି ଉପରେ ଚକ୍କର
ବେଳ ଦେଖି ଝାମ୍ପି ନେବ ହୋଇ ତରବର
କେଉଁ ଶିଶୁ ମରୁଅଛି ମା'ର କୋଳରେ
ଏତେ ଦିନ ବଞ୍ଚିଅଛି ତୁମରି କୃପାରେ
ହାତ, ଗୋଡ ଚଳୁ ଚଳୁ ପହଞ୍ଚିଲେ କାଳ
ଭାବିବି ମୁଁ ଏ' ସମୟ ଅଟେ ଶୁଭ ବେଳ
ସ୍ୱର୍ଗ କି ନରକ ନିଅ ନାହିଁ ଡର ଭୟ
ଧର୍ମ ନିକିତିର ହେଉ ସର୍ବଦା ବିଜୟ

# ଏ' କି ବିଚାର ପ୍ରଭୁ !

**ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲ୍ୟାଣ୍ଡ**

ମୁଣ୍ଡପିଟି କାନ୍ଦିନାହିଁ
ତୋ' ମନ୍ଦିର ଦ୍ୱାରେ
ଲକ୍ଷଲକ୍ଷ ଦିଅବୋଲି
ପ୍ରଭୁ ମୋ' ଥାଳରେ

କେତେ ଭିକାରୀ ଅଛନ୍ତି
ମନ୍ଦିର ବାହାରେ
କେତେ ଭିକାରୀ ବୁଲନ୍ତି
ମନ୍ଦିର ଭିତରେ

କିଏ ମାଗେ ଦିଅ ପ୍ରଭୁ
ପ୍ରଚୁର ସଂପତ୍ତି
କିଏ ମାଗେ ମିଳୁ ମୋତେ
ସନ୍ତାନ ସନ୍ତତି

ଖଟିଖଟି ଦିନରାତି
ପୁରେନା କା' ପେଟ
ତାକୁ ମାରୁଅଛ ଟିଆଁ
ହୁଏ ଛଟପଟ

କିଏ ବିକେ କୋତଛୁଆ
କିଏ ବି କିଡ୍‌ନି
ପେଟ ପୋଡିଗଲେ ସର୍ବେ
କାନ୍ଦନ୍ତି ବାହୁନି

ମୋ' ବିଚାରରେ ଦିଅ
ଯା'ର ନାହିଁ ଦାନା
ଲାଜ ଘୋଡାଇବାପାଇଁ
ପିନ୍ଧିବାକୁ କନା

ଦେଉଅଛ ଯେଉଁମାନେ
ବ୍ୟାଙ୍କ ଲୁଟୁଛନ୍ତି
ଖଟିଖିଆ ଜନତାଙ୍କ
ରକ୍ତ ଶୋଷିଛନ୍ତି

ତୋ'ପାଶେ ଲାଗେ ନୈବେଦ୍ୟ
ପ୍ରଭୁ ନିତିଦିନ
ତୋ'ର କଣ ଯାଏ ଆସେ
ଖୁସି ତୋ'ର ମନ

ଯିଏ ପ୍ରଭୁ ବ୍ୟବସାୟୀ,
ରାଜନେତା ହେଲେ
ଦେଶର ରାଜକୋଷକୁ
ଖୋଳ କରିଦେଲେ

ନାଁଟି ନୀରବ ମୋଦି
ସିଏ ବଡ ଚୋର
ସ୍ୱର୍ଗଠୁଁ ପାତାଳଯାଏ
ଲମ୍ବିଛି ତା' ଡେର

କରୁଥିଲା ହୀରା, ମୋତି
ସିଏ କାରବାର
ଚେହେରା ଅତି ସୁନ୍ଦର
କଥାଟି ମଧୁର

ଭୂତ କଂପାନି ନାଁରେ
କରନ୍ତି ଠକେଇ
ମିଶି ବ୍ୟାଙ୍କ କର୍ମଚାରୀ,
ନେତା, ବଡଭାଇ

ଅଫିସର, ରାଜନେତା
ଥିଲେ ପାଶେପାଶେ
ବଲିଉଡ କଳାକାର
ଦେଖି ମନ ରସେ

ଯେଉଁମାନେ ଜଗୁଥିଲେ
ସିଏ ବଡ ଚୋର
କିଛି ପରସେଣ୍ଟ ନେଇ
ଚାଲେ କାରବାର

ଜମା କରୁଥିଲେ ନେଇ
ବିଦେଶ ବ୍ୟାଙ୍କରେ
ତାଙ୍କ ଚଉଦ ପୁରୁଷ
ରହିବେ ଭଲରେ

ରାଜନେତାମାନେ ଦୋଷ
ଦିଅନ୍ତି ଆରକୁ
ତାଙ୍କ ଲକ୍ଷ୍ୟ ଅଛି ପ୍ରଭୁ
ପଦ ପଦବୀକୁ

ଲକ୍ଷଲକ୍ଷ କୋଟି ଲୁଟି
ଗଢନ୍ତି ନଅର
ଭୁଲିଯାନ୍ତି ଆଜିକାଲି
ଯିବେ ସ୍ୱର୍ଗପୁର

# ବସନ୍ତ କହୁଛି

ସୁଲୋଚନା ପଟ୍ଟନାୟକ, ଏଲକ୍‌ରିଜ, ମେରୀଲାଣ୍ଡ



ଶୀତର ପରଦା ତଳୁ
ବସନ୍ତ ଚାହିଁଲା
ଶୁଖିଲା ନୁଖୁରା ମୁହଁ
ଦେଖି ସେ ହସିଲା ।

ପସରା ମେଲାଇ ସିଏ
ରଂଗ ପରସିଲା
ଫୁଲ ଫଳ ଗଛ ପତ୍ର
ମହକେ ଭରିଲା ।

ଧରା ଫାଟି ଗଲେ ଫୁଟି
କେତେ ଜାତି ଫୁଲ
ଆଖି ରହେ ଲାଖି ସେଠି
ସୁନ୍ଦର ଅମୂଲ ।

ଅମାନିଆ ଶୀତ ଆସି
ବସେ ଧରା ପରେ
ମଉଳି ଯାଏ ସେ ଫୁଲ
ଝରି ଯାଏ ଖରେ ।

ମୋ' ଦେହରେ ବଳ ନାହିଁ
ବସନ୍ତ କହଇ
ଦେଇ ମୁଁ ପାରିବି ନାହିଁ
ଶୀତକୁ ଘୋଡାଇ ।

ଫୁଲ କହେ ଅପେକ୍ଷା
ମୁଁ କରିଥିଲି ତୋତେ
ତୁ ପରା ରାଜା ବୋଲାଉ
ଋତୁ ଅଛି ଯେତେ ।

ଋତୁରାଜ ନାମ ମୋର
ଜାଣେନା କେ ଦେଲା
ଅଳିକ ଏ ରୂପ ବୋଲି
କିଏ ଜାଣିଥିଲା ?

ରୂପ ରଂଗ ଆଜି ଅଛି
କାଲି ଯିବ ଚାଲି
ଭଲ ପଣ କରିଥିଲେ
ଯିବେ ନା କେ ଭୁଲି ।

ଆସ ଆମେ ଆଜି ଏବେ
ଶପଥ କରିବା
ଭୁଲିଯିବା ଦ୍ୱେଷ ଦୋଷ
ଜଗତ ଜିଣିବା ।

ବଇଶାଖୀ ଝଞ୍ଜା ଯଦି
ଆସି ବୋହିଯିବ
କାଲି କି ଧରା ହସିବ
ସୂରୁଜ ଉଇଁବ ।

ଗତ ଗଲା କଥା ସବୁ
ଅଲୋଡା ନୁହଁଇ
ସଭିଏଁ ଶିଖି ଶିଖାଅ
ତୁମ ଭଲ ପାଇଁ ।

ଅଳିକ ଏହି ଜୀବନ
ଶେଷ ହେବ କାଲି
କଥା କାହା ଧରିବାନି
ଚାଲ ଯିବା ଭୁଲି ।

ପୁଣି ହସିବ ତୁମେ
ହସିବ ସଂସାର
ପୁଣି ଆସିବ ଜହ୍ନ
ଜୀବନେ ଆମର ।

# ଚିଠି ଓ ଉତ୍ତର

ସୁଲୋଚନା ପଟ୍ଟନାୟକ, ଏଲକ୍‌ରିଜ, ମେରୀଲାଣ୍ଡ

ଚିଠି

ମୁଁ ଜାଣି ନଥିଲି
ତୁମକୁ କହିବାକୁ ହେବନି
ମୁଁ ଶୁଣି ପାରୁଥିବି
ତୁମର ଅକୁହା କଥା ।

ମୁଁ ଜାଣି ନଥିଲି
ତୁମକୁ ଭାବିବାକୁ ହେବନି
ମୁଁ ବୁଝି ପାରୁଥିବି
ତୁମର ନୀରବ ଭାଷା ।

ମୁଁ ଜାଣି ନଥିଲି
ବନ୍ଦ ଲଫାପାରେ
ତୁମେ ରଖିଥିବ
ଚିଠିଟିଏ, ଲୁହରେ ଭିଜା ।

ମୁଁ ଜାଣି ନଥିଲି
ତୁମ ଭଲ ପାଇବାକୁ
ବନ୍ଦ କରି ରଖିଥିଲା
ଲୁହ ଭିଜା ସେ ଲଫାପା ।

ଉତ୍ତର

ତୁମକୁ ମୁଁ ଲେଖିଥିଲି
ହୃଦୟରେ ନାହିଁ ଆଉ କୋହ
ଭଲ ପାଇବାର ଶରରେ ବିଦ୍ଧ
ରକ୍ତାକ୍ତ ଯେ ହୃଦୟ ।

ରକ୍ତର କାଳିରେ ଆଜି
ରଂଗେ ଭରିଛି କାଗଜ
ଲୁହ ତ ଯାଇଛି ସୁଖି
ମନରେ ଖାଲି ଦରଜ ।

ଲୋଡା ନାହିଁ କାଗଜ ମୋ’
ଲୋଡେ ନା ମୁଁ ଲଫାପା
ଖୋଜେନା ମୁଁ ଫେସବୁକ୍
ଅବା ମେସେଞ୍ଜର ବାରତା ।

ମୁଁ ଜାଣେ ଶୁଣିବ ତୁମେ
ହୃଦୟର ଡାକକୁ
ବୁଝିବି ପାରିବ ପ୍ରିୟ
ଭଲ ପାଇବାର ଭାଷାକୁ ।

ବିରହର ଜ୍ୱାଳା ମୋତେ
ଆତୁର କରୁଛି
ଶୁଣି କି ପାରୁନ ସଖା
କିଏ ତୁମକୁ ଡାକୁଛି ?



# ଜୀବନ ମନ୍ଦାକିନୀ

ବବ୍ରୁ ସାମଲ, ରକ୍‌ଭିଲ୍‌, ମେରୀଲାଣ୍ଡ୍

ମୋର ଜୀବନ ଆରମ୍ଭ ହେଲା
ଗୋଟିଏ ଛୋଟ ଝରଣା ଭାବେ
ଧାନ କ୍ଷେତ, ତାଳ ଏବଂ ଆମ୍ବ ବଗିଚା ମଝିରେ
ମୁଁ ବଢିଲି ବର୍ଷା କା, ଝଡ ଓ ବାତ୍ୟାରେ
ଆମ୍ବ, ପଣଷ ଆଉ ସପୁରି,
ଭାତ, ଡାଲମା ଖାଇ
ଧୂଳି, ନର୍ଦ୍ଦମାରେ ।

ସାପ, ଗୋଳମାଳ
କୋଳାହଳ ଏବଂ ପୂଜାପାଠ
ଭିକାରି ଏବଂ ବାବାଜୀ
ଦୁର୍ନୀତି, ଧ୍ୟାନ ଏବଂ ଯୋଗରାଜ୍ୟରୁ
ବାହାରି ଆସିଲି
ପାଠ ପଢିବାକୁ
Golden Gate Bridge ପାଖକୁ
ଆମେରିକାକୁ
ସୁଯୋଗ ଭୂମିକୁ
ବିଜ୍ଞାନ ଏବଂ ପ୍ରଯୁକ୍ତିର ଜଗତକୁ
କେଉଁଠୁ ଆସିଛି, ମୁଁ ଜାଣିଛି
କିନ୍ତୁ କୁଆଡେ ଯାଉଛି ଜାଣିନାହିଁ ।

ବର୍ତ୍ତମାନ, ମୁଁ ଏକ ଖେଚୁଡି
ଏ ଝରଣାରେ ଏବେ
ଗଙ୍ଗାର ଜଳ ସାଙ୍ଗରେ
ମିସିସିପି, ଯାଂଗ୍ସି, ଆମାଜନ ଓ ତାଂଗ୍ସୁବର
ଜଳ ମିଶା
ଜୀବ ବିଦ୍ୟା, କଂପ୍ୟୁଟର୍‌,
ହଲିଉଡ୍‌, ଚିପୋଟ୍ଲେ, ୟୁଟ୍ୟୁବ୍‌ର ପ୍ରଭାବ
ପ୍ରତି ମୁହୂର୍ତ୍ତରେ ମୁଁ ନିଜକୁ ପୂରଣ କରେ
Information highwayରେ ଯାଇ
କେତେବେଳେ ବନ୍ୟା
କେତେବେଳେ ମରୁଡି
ମୋର ଶରୀରଟି ଧୀରେଧୀରେ
ବାର୍ଦ୍ଧକ୍ୟର ଖେଳଣା
କିନ୍ତୁ ଅଭ୍ୟନ୍ତର
ଗୋଟିଏ ସରଳ ଶିଶୁ ପରି
ସଦାବେଳେ ଜାଣିବାକୁ ଉନ୍ମୁଖ
ମୋ ଜୀବନ ଗୋଟିଏ ଝରଣା
ମୁଁ ଜାଣିଛି ମୁଁ କେଉଁଠୁ ଆସିଛି
କୁଆଡେ ଯାଉଛି କିନ୍ତୁ ଜାଣିନି ।

# ଦୁର୍ଗମ ପଥେ

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ୍



ଦୁର୍ଗମ ପଥେ ଚାଲିବାକୁ ତୁମେ
ଏକା ଛାଡିଦେଇ ଗଲ
ବାଟବଣା ହୋଇ ଆକୁଳେ ଚିନ୍ତନ୍ତେ
ସହସା ହାତ ଧରିଲ ।୧।
ଠେଲିଦେଲ ତୁମେ ବଢନ୍ତା ନଈକୁ
ପାଏନାହିଁ ଥଳକୂଳ
ଜଳଭଉଁରୀରେ ଘୁରାଇବା ପରେ
ଜଳରୁ ଛାଣି ଆଣିଲ ।୨।

ଚାରିଆଡେ ମୋର ବିଛାଇ ଦେଲ ଯେ
ମୁନିଆଁକଣ୍ଟାର ବାଡ
କେଉଁଦିଗେ ଯିବି ପୁରିଗଲା ହଂସା
ଏ ପୁଣି କେମିତି ଖେଳ ।୩।
ତୁମକୁ ସ୍ମରି ମୁଁ ସାହସ କରନ୍ତେ
କଣ୍ଟକରେ ରଖି ପାଦ
ସବୁ କଣ୍ଟାବାଡ ନିଜେ ଭାଙ୍ଗିଦେଲ
ହଟାଇଲ ପରମାଦ ।୪।

ଆଶ୍ରା କରିବାକୁ ଯେଉଁ ଗଛଡାଳ
ଧରିଲି ଆକୁଳେ ମୁହିଁ
ସୃଷ୍ଟିକରି ଝଡ, ସେଇ ଡାଳଟିକୁ
ଭାଙ୍ଗିଦେଲ ତୁମେ ସାଇଁ ।୫।
ହତାଶ ହୋଇଣ "ରଖ ଜଗଦୀଶ"
ଡାକିଲି ହୋଇ ବିକଳ
ତହୁଁ ନାରାୟଣ, ଦୂତ ପଠାଇଣ
ମୋ ଦୁରିତ ଦୂର କଲ ।୬।

ଜଳାଇଲ ନିଆଁ ଚାରିପଟେ ମୋର
ଧୂଆଁରେ ହଜିଲା ଶ୍ୱାସ
ଜଳିବାର କ୍ଷଣେ ଟେକିନେଲ ତୁମେ
ଦେଇ ଅମୃତ ପରଶ ।୭।
ମାରିପାର ତୁମେ, ତାରିପାର ତୁମେ
ତୁମେ ସକଳ ବିଧାତା
ଅନ୍ଧାରେ ମୁଁ କାହିଁ ବାଡି ବୁଲାଇବି
ନିଜକୁ ଭାବି କରତା ।୮।

କଷ୍ଟ ସିନା ଦିଅ, କଷ୍ଟ ଦେଇ ସାରି
କର ହିଁ ତୁମେ ଉଦ୍ଧାର
ସେଇ ବଡପଣ, ରଖିଥାଅ ପ୍ରଭୁ
ଏତିକି ଗୁହାରି ମୋର ।୯।
ବନ୍ଧୁବୋଲି ପ୍ରଭୁ ଭାବିଛି ତୁମକୁ
କରିଛି ଶ୍ରୀପଦେ ଆଶ
ଆଣ୍ଟ ମୋ ଏତିକି, ରଖିବ ହେ ସାଇଁ
ଭାଙ୍ଗିବନି ମୋ ବିଶ୍ୱାସ ।୧୦।

ଏକାକୀ ଏ ବେଳେ କରି ବିଶ୍ଲେଷଣ
ଯେତେ ମୋର ଅଭିଜ୍ଞତା
ଧନ୍ୟବାଦ ଶବ୍ଦ ତୁମକୁ ଅର୍ପୁଛି
ତୁମେ ମୋ ଭାଗ୍ୟ ବିଧାତା ।୧୧।



# ବଉଳକୁ ଚିଠି

**ମନୋଜ ପଣ୍ଡା, ଗେଥର୍ସବର୍ଗ, ମେରୀଲାଣ୍ଡ**

ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ଖରା ବରଷା ଓ ଶିଶିର କାକର କଷଣ ଯାଇଛି ଚାଲି
ମଗୁଶୀର ମାସ ହାଡଥରା ଶୀତ ସଭିଏଁ ଗଲେଣି ଭୁଲି
ଥିରି ଥିରି ବହେ ଶୀତଳ ସମୀର ପରାଣ ନିଅଇ ହରି
କୋକିଳ କଣ୍ଠର ମଧୁର ରାଗିଣୀ ଅନାୟାସେ ଯାଏ ଝରି | (୧)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ସକାଳୁ ସକାଳୁ ସୂରୁଜ ଦେବତା ମୁରୁଜ ଦିଅନ୍ତି ବୁଣି
ଆମ୍ର କାନନର ପତର ଗହଳୁ କୁମ୍ଭାଟୁଆ ଡାକେ ଶୁଣି
କାଶିଆ କପିଳା କୁନ୍ତେଇ ଧଉଳା ଲଙ୍ଗଳ ଶଗଡ ଧରି
ଗାଁ ଦାଣ୍ଡେ ଚାଲି ଯାଆନ୍ତି ସହଳେ କ୍ଷେତ କାମଦାମ କରି | (୨)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ଭଳିକି ଭଳିକି ଫୁଲ ପସରାରେ ଧରଣୀ ସାଜଇ ରାଣୀ
ଋତୁରାଜଙ୍କର ଆଗମନ ପାଇଁ ନବରଙ୍ଗ ଦିଏ ଆଣି
କାଚକେନ୍ଦୁ ପରି ପାଣି ଭରିଯାଏ ନଇନାଳ ପୁଷ୍କରିଣୀ
ସବୁରି ମନରେ ହରଷ ଉଲ୍ଲାସ ବିରାଗ ଦିଅଇ ଛାଣି | (୩)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ଚଇତି ପବନ ଆଙ୍କିଦିଏ କେତେ ସପନ ମଣିଷ ରୂପ
ମନମନ୍ଦିରରେ ଫୁଲ ସମ୍ଭାରରେ ପୂଜଇ ପ୍ରେମର ଧୂପ
ହୃଦକନ୍ଦରର ବୀଣା ବାଜିଉଠେ ସପତ ସୁରରେ ରସି
ପ୍ରୀତି ମକରନ୍ଦ ଧାରେ ଅବଗାହି ଜୀବନ ଉଠଇ ହସି | (୪)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ଲେଉଟାଣି ରବି ହଜି ଯାନ୍ତି ପୁଣି କଳା ବଉଦର ତଳେ
କିଚିରି ମିଚିରି ପକ୍ଷୀ କାକଳିଟି ଢଳିଯାଏ କାଳ ବଳେ
କୁମୁଦିନିକାନ୍ତି ବିଛୁରିତ ହୁଏ ରଜନୀର ମେଖଳାରେ
ଅସୁମାରି ତାରା ଅମ୍ବର ପଣତୁ ବାହାରନ୍ତି ମେଲଣରେ | (୫)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ନାଉରୀ ବାପୁଡା ଗୀତ ଧରି ଆସେ ହସକାନ୍ଦ ଦୁନିଆରୁ
ଆଶାର ଆଲୋକେ ବିଭାସିତ ତାର ରୋମନ୍ଥିତ ଅତୀତରୁ
ଗୋଧୂଳି ପରଶେ ଧୂସରିତ ତନୁ ଗ୍ରାମପଥ ସାକ୍ଷୀ ତାର
ଶତ ପଥିକର ସ୍ମାରକ ବାହକ ଅଗଣିତ ସ୍ମୃ-ରତି ଧାର | (୬)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ବିଭାବରୀ ସାଜେ ନବପରିଣୀତା ଆଖିରେ ଆଖିଏ କଥା
ମଳୟ ମଲ୍ଲିକା କବରୀ ପୁଷ୍ପିତା ଭୁଲାଏ ଦୂରନ୍ତ ବ୍ୟଥା
ପ୍ରିୟ ପ୍ରିୟତମ ସ୍ୱାଗତ ପାଇଁ ସେ ଉଚ୍ଚାଟର ଅବସାନ
ଚିତ୍ରିତ ଚିତ୍ତର ଚଞ୍ଚଳ ଗତିର ମତ୍ତ ହସ୍ତୀ ଅଭିମାନ ! (୭)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ସମୟର ଚକ ବୁଲୁଥାଏ ସେତ ସପତ ଋତୁର ଖେଳ
ଗ୍ରୀଷମ, ବରଷା, ଶୀତ ହେମନ୍ତର ବସନ୍ତ ସହିତ ମେଳ
ଦୁଃଖ ପରେ ସୁଖ ସୁଖ ପରେ ଦୁଃଖ ଏଇତ ଧ୍ରୁବ ସତ
ଗୋବିନ୍ଦ ଗୋପାଳ ଶ୍ରୀମଧୁସୁଦନ ନାମ ଅଡାଏ ଯେ ଭୀତ | (୮)
ବଉଳଲୋ କି କଥା ଲେଖିବି କହ
ବଉଳଲୋ କି କଥା ଲେଖିବି କହ |

ଲେଖୁ ଲେଖୁ ଏତେ କେତେ କଥା ଲେଖି ଦେଲିଣି ଯେ ମୋର ମିତ
ମନର ମୁକୁରେ ବିଗତ ଦିନରେ ତୁ ତ ସଦା ଉଜ୍ଜୀବିତ
ଅରାଧନା ମୋର ଅନ୍ତର ମଧ୍ୟରୁ ବିଭୁ ପଦ ଯୁଗଳରେ
ଚିରନ୍ତନ ହେଉ ନିବିଡତା ଆମ ଆଶିର୍ବାଦ ପୀୟୂଷରେ | (୯)

# ଭାରତରେ ଅଗଷ୍ଟ ବିପ୍ଳବ ଓ ତାହାର ପ୍ରଭାବ

ଗୁରୁକଲ୍ୟାଣ ମହାପାତ୍ର

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଅଗଷ୍ଟ ମାସର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଅଗଷ୍ଟମାସ ୧୪ ତାରିଖରେ ପାକିସ୍ତାନ ଓ ୧୫ ତାରିଖରେ ଭାରତ ନିଜ ନିଜର ସ୍ୱାଧୀନତା ଦିବସ ପାଳନ କରି ଆସୁଛନ୍ତି ୭୦ ବର୍ଷ ଧରି। ଅଖଣ୍ଡ ଭାରତ ଦ୍ୱିଖଣ୍ଡିତ ହୋଇ ଭାରତ ଓ ପାକିସ୍ତାନ ହୋଇଗଲା ୧୯୪୭ରେ ସେହି ଅଗଷ୍ଟ ୧୪ରେ। ସେହି ଦିନରୁ ହିଁ ଭାରତରେ ବ୍ରିଟିଶ ଶାସନର ଅବସାନ ଘଟିଛି। ୧୯୪୨ ଅଗଷ୍ଟ ୭, ୮ ଓ ୯ରେ ସେହି 'ଭାରତ ଛାଡ଼' କିମ୍ବା 'କର ବା ମର' ଆନ୍ଦୋଳନ ମହାବିପ୍ଳବର ଆଖ୍ୟା ନେଇଛି। ତାହା ହିଁ ଭାରତର ଅଗଷ୍ଟ ବିପ୍ଳବ ବା କ୍ରାନ୍ତି ଦିବସ, ଯାହା ଗଣ ବିପ୍ଳବର ଆଖ୍ୟା ପାଇଛି। ଏହା ପୂର୍ବରୁ ୧୯୩୦ର ଲବଣ ସତ୍ୟାଗ୍ରହରେ ମଧ୍ୟ ଓଡ଼ିଶାର ଭୂମିକା ଥିଲା ଗୌରବୋଜ୍ଜ୍ୱଳ। ବଡ଼ ବିଚିତ୍ର କଥା ଯେ, ୧୭୫୭ ମସିହାରେ ଅଗଷ୍ଟ ମାସର ଅବ୍ୟବହିତ ପୂର୍ବରୁ ବଙ୍ଗ ଅଂଚଳରେ ଯେଉଁ ଇତିହାସ ପ୍ରସିଦ୍ଧ ପଲାସୀ ଯୁଦ୍ଧ ସଂଘଟିତ ହୋଇଥିଲା, ତାହା ଥିଲା ଭାରତରେ ବ୍ରିଟିଶ ଶାସନ ବିସ୍ତାରର ପ୍ରଥମ ପଦକ୍ଷେପ। ବ୍ରିଟିଶ ସରକାରଙ୍କ ପ୍ରତିନିଧି ଲର୍ଡ଼ କ୍ଲାଇବଙ୍କ ଚକ୍ରାନ୍ତ ଓ ବିଶ୍ୱାସଘାତକତାର ଶିକାର ହୋଇ ନବାବ ସିରାଜଉଦ୍ଦୌଲା ଯୁଦ୍ଧରେ ପରାସ୍ତ ହୋଇଥିଲେ। ବକ୍ସାର ଯୁଦ୍ଧ ପରେ କ୍ଲାଇବ ବଙ୍ଗ-ବିହାର-ଓଡ଼ିଶାର ଦେୱାନୀ ଗ୍ରହଣ କରି ଭାରତରେ ବ୍ରିଟିଶ ଶାସନକୁ ଭଲଭାବେ ବିସ୍ତାର କରିଥିଲେ। ଓଡ଼ିଶାରେ ଅଗଷ୍ଟ ବିପ୍ଳବର ପ୍ରଭାବରେ ପରବର୍ତ୍ତୀ ମାସରେ ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ଭଦ୍ରକର ଇରମ ଭୂମିରେ ଯେଉଁ ଗୁଳିକାଣ୍ଡ ହୋଇଥିଲା, ତାହା ଓଡ଼ିଶାର ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ଆଖ୍ୟାୟିତ।

### ଅଗଷ୍ଟ ଆନ୍ଦୋଳନର ପୂର୍ବ ପ୍ରସ୍ତୁତି

ଅବଶ୍ୟ ଅଗଷ୍ଟ ବିପ୍ଳବ ବା ଆନ୍ଦୋଳନ ଭାରତର ସ୍ୱାଧୀନତା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, କିନ୍ତୁ ଏହା ପୂର୍ବରୁ ସେତେବେଳେ ଭାରତର ସ୍ୱାଧୀନତା ପାଇଁ ଗାନ୍ଧିଜୀଙ୍କ ନେତୃତ୍ୱରେ ମଧ୍ୟ ଚାଲିଥିଲା ଜୋର୍‌ଦାର ଅହିଂସା ଆନ୍ଦୋଳନ। ୧୯୩୦ ମସିହା ଜାନୁଆରୀ ୨୬ ତାରିଖକୁ ସେତେବେଳେ ସମଗ୍ର ଭାରତର 'ସ୍ୱାଧୀନତା ଦିବସ' ଭାବେ ପାଳନ କରାଯିବାକୁ ସଂଗ୍ରାମୀମାନଙ୍କୁ ଆହ୍ୱାନ ଦିଆଗଲା। 'ସ୍ୱାଧୀନତା ଆମର ମୌଳିକ ଦାବି' ବୋଲି ଜଣାଇ ଭାରତବାସୀ ଆନ୍ଦୋଳନ ପାଇଁ ଶପଥ ଗ୍ରହଣ କଲେ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏହା ଥିଲା ପ୍ରଥମ ଆଇନ ଅମାନ୍ୟ ଆନ୍ଦୋଳନ। ସେହି ଆନ୍ଦୋଳନ ୧୯୩୨ ପର୍ଯ୍ୟନ୍ତ ଚାଲିଥିଲା। ଆନ୍ଦୋଳନ ସମୟରେ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମା ଗାନ୍ଧୀ ତାଙ୍କର ସାବରମତୀ ଆଶ୍ରମରୁ ଗୁଜରାଟର ସମୁଦ୍ର ତଟବର୍ତ୍ତୀ ଦାଣ୍ଡି ଯାଏଁ ଯାତ୍ରା କରିଥିଲେ – ବ୍ରିଟିଶ ସରକାରଙ୍କ ଲବଣ ଆଇନ ଭଙ୍ଗ କରି ସମୁଦ୍ର ପାଣିରୁ ଲବଣ ତିଆରି କରିବାକୁ। ଅଗଷ୍ଟ ବିପ୍ଳବ ବା ଆନ୍ଦୋଳନ ପୂର୍ବରୁ ଗାନ୍ଧିଜୀଙ୍କ ଆହ୍ୱାନରେ ଏହି ପ୍ରତୀକାତ୍ମକ ଆନ୍ଦୋଳନ ଦେଶବାସୀଙ୍କୁ ଉନ୍ମାଦିତ କରି ଦେଇଥିଲା। ଏହାର ପ୍ରଭାବ ଉପକୂଳ ଓଡ଼ିଶାର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ବିଶେଷ କରି ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଉପଲବ୍ଧ ହୋଇଥିଲା। ଓଡ଼ିଶାରେ ଲୁଣ ମାରି ଅନେକ ଜୀବିକା ନିର୍ବାହ କରୁଥିଲେ। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଶସ୍ତାରେ ବହୁ ଲୁଣ ବିକ୍ରୟ ପାଇଁ ଯାଉଥିଲା। ବ୍ରିଟିଶ ସରକାର ଲୁଣ ମାରିବାକୁ ବେଆଇନ ବୋଲି ଘୋଷଣା କରିବାକୁ ଓଡ଼ିଶାର ଲୋକେ ଉତ୍ତେଜିତ ହୋଇଯାଇଥିଲେ। ଗାନ୍ଧିଜୀଙ୍କ ଏ ଆହ୍ୱାନ ତେଣୁ ମନ୍ତ୍ରବତ୍ କାମ ଦେଲା।

ମହାତ୍ମା ଗାନ୍ଧୀ ୧୯୩୦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ବ୍ରିଟିଶ ସରକାରଙ୍କ ଲୁଣ ଆଇନ ଭାଙ୍ଗି ଥିଲେ। ଏଥିପାଇଁ ମାର୍ଚ୍ଚ ୧୨ରୁ ସେ ଦାଣ୍ଡିଯାତ୍ରା ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କର ଆହ୍ୱାନ ଅନୁଯାୟୀ ଓଡ଼ିଶାରେ ସେଦିନ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ଇଞ୍ଚୁଡ଼ିଠାରେ ପହଞ୍ଚିବାର ଥିଲା, ମାତ୍ର ପୋଲିସ ସେମାନଙ୍କୁ ଧରି ନେଇଥିଲେ। ସତ୍ୟାଗ୍ରହ ଦେଶବ୍ୟାପୀ ଆରମ୍ଭ କରିବାକୁ ଗାନ୍ଧିଜୀ ଆହ୍ୱାନ ଦେବାରୁ ଓଡ଼ିଶାରେ ଦାଣ୍ଡିଯାତ୍ରାର ପ୍ରତୀକ ଭାବେ ଇଞ୍ଚୁଡ଼ିଠାରେ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଆରମ୍ଭ ହେଲା। ବାଲେଶ୍ୱର ସହର ଅନ୍ତର୍ଗତ ପରିମିଟ୍ କୋଠିରେ ସତ୍ୟାଗ୍ରହର ଶିବିର ହୋଇଥିଲା। ୧୯୩୦ ଅପ୍ରେଲ ୧୨ ତାରିଖ ସନ୍ଧ୍ୟାରେ ପ୍ରାର୍ଥନା ଶେଷ କରି ସତ୍ୟାଗ୍ରହୀମାନେ ଆଚାର୍ଯ୍ୟ ମହାଶୟଙ୍କ ନେତୃତ୍ୱରେ ଇଞ୍ଚୁଡ଼ି ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ। ଇଞ୍ଚୁଡ଼ିର ଏହି ସତ୍ୟାଗ୍ରହରେ ଯୋଗଦେବା ଲାଗି ଓଡ଼ିଶାର ସବୁ ଅଞ୍ଚଳରୁ ଦଳ ଦଳ ହୋଇ ସଂଗ୍ରାମୀମାନେ ଆସିଥିଲେ। କଟକରୁ ଆସିଥିବା ସଂଗ୍ରାମୀମାନଙ୍କର ପରିଚୟ ଥିଲା ଲୌହସ୍ତମ୍ଭ ବାହିନୀ ଭାବେ। ସେହିପରି ପୁରୀରୁ ପତିତପାବନ ବାହିନୀ, ସମ୍ବଲପୁରରୁ ଅନ୍ୟ ଏକ ବାହିନୀ ଏବଂ ଓଡ଼ିଶାରେ ରହୁଥିବା ଗୁଜରାଟୀମାନଙ୍କର ମଧ୍ୟ ଗୋଟିଏ ବାହିନୀ ଇଞ୍ଚୁଡ଼ି ସତ୍ୟାଗ୍ରହରେ ଯୋଗ ଦେଇଥିଲେ। ଓଡ଼ିଶାରେ ପ୍ରଥମେ କୁଳବଧୂମାନେ ମୁଣ୍ଡର ଓଢ଼ଣା କାଢ଼ି ଘରୁ ରାସ୍ତା ଉପରକୁ ବାହାରି ଆସି ଆଚାର୍ଯ୍ୟ ମହାଶୟ ଓ ତାଙ୍କର ସତ୍ୟାଗ୍ରହୀମାନଙ୍କୁ ଧୂପ ଓ ଅର୍ଘ୍ୟଦ୍ୱାରା ବନ୍ଦାପନା କରିଥିଲେ। ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ସମ୍ଭବତଃ ଏହା ହିଁ ପ୍ରଥମ ନାରୀ ଜାଗରଣ।

୧୯୩୦ରୁ ୧୯୩୨ ଯାଏଁ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ, ଭଦ୍ରକର ବିଦେଇପୁର ପ୍ରଭୃତି ଅଞ୍ଚଳରେ ଆଇନ ଅମାନ୍ୟ ଆନ୍ଦୋଳନ ହୋଇଥିଲା। କଟକ ଜିଲ୍ଲାର କୁଜଙ୍ଗରେ ମଧ୍ୟ ଏହାର ପ୍ରତିଫଳନ ଘଟିଥିଲା। ଏହି ଆନ୍ଦୋଳନରେ ବ୍ରିଟିଶ ପୋଲିସ୍ ସତ୍ୟାଗ୍ରହୀମାନଙ୍କ ଉପରେ ମାଡ଼ ଦେବାରୁ ଏହାର ପ୍ରତିବାଦ କରି ତତ୍କାଳୀନ ବିହାର ଓଡ଼ିଶା କାଉନସିଲ (ବ୍ୟବସ୍ଥାପକ ସଭା)ର ଉପସଭାପତି ଭାଗବତ ପ୍ରସାଦ ମହାପାତ୍ର (କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପିତା) ନିଜ ପଦବୀକୁ ଇସ୍ତଫା ପ୍ରଦାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ।

### ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବ

୧୯୪୨ ଅପ୍ରେଲ ୨୨ ତାରିଖରେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବା ପାଇଁ ବ୍ରିଟିଶ ସରକାରଙ୍କ ନିକଟକୁ ଗାନ୍ଧିଜୀ ପତ୍ର ଲେଖିଥିଲେ। ଭାରତରେ ସ୍ୱାଧୀନତା ପାଇଁ ଅହିଂସା ଆନ୍ଦୋଳନ କରୁଥିବା କଂଗ୍ରେସ ଓ ଗାନ୍ଧିଜୀ ବାରମ୍ବାର ଏ ବିଷୟରେ ଅନୁରୋଧ କରୁଥିଲେ ମଧ୍ୟ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍ ଏହାକୁ ଆଦୌ ଗୁରୁତ୍ୱ ଦେଇ ନଥିଲେ। ଫଳରେ ୧୯୪୨ ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟି ଗାନ୍ଧିଜୀଙ୍କ ଦ୍ୱାରା ଏକ ଅଗଷ୍ଟ ବିପ୍ଳବ ପାଇଁ ୱାର୍ଦ୍ଧାଠାରେ ନିଷ୍ପତ୍ତି  ନେଇଥିଲେ। ଏଥିପାଇଁ ବମ୍ବେ (ମୁମ୍ବାଇ)ଠାରେ ୧୯୪୨ ଅଗଷ୍ଟ ୭ ଏବଂ ୮ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ

ଏହି ମହାବିପ୍ଳବ ପାଇଁ ଚୂଡ଼ାନ୍ତ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର କରାଗଲା। ଏପରି ବଡ଼ ଧରଣର ଅଗଷ୍ଟ ବିପ୍ଳବର ପ୍ରସ୍ତୁତି ବ୍ରିଟିଶ ସରକାରଙ୍କୁ ବିଚଳିତ କରି ପକାଇଲା। ତେଣୁ ବିପ୍ଳବ ଆରମ୍ଭ କରିବା ପୂର୍ବରୁ ସଂଗ୍ରାମୀମାନଙ୍କୁ ଗିରଫ କରି କଂଗ୍ରେସକୁ ବେଆଇନ ଘୋଷଣା କରିବା ବିଷୟରେ ବ୍ରିଟିଶ ସରକାର ଚିନ୍ତା କରୁଥାଏ।

୧୯୪୨ ଅଗଷ୍ଟ ୭ ତାରିଖରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବମ୍ବେ (ମୁମ୍ବାଇ)ଠାରେ ନିଖିଳ ଭାରତ କଂଗ୍ରେସ କମିଟିର ଅଧିବେଶନ ତତ୍କାଳୀନ କଂଗ୍ରେସ ସଭାପତି ମୌଲାନା ଆବୁଲ୍ କାଲାମ ଆଜାଦ୍‌ଙ୍କ ସଭାପତିତ୍ୱରେ ହୋଇଥିଲା। ଅହିଂସା ଉପାୟରେ ଆଗାମୀ ବିପ୍ଳବ ପାଇଁ ପ୍ରସ୍ତୁତ ରହିବାକୁ ମହାତ୍ମା ଗାନ୍ଧୀ ସେଠାରେ ଆହ୍ୱାନ ଦେଇଥିଲେ। ତାଙ୍କର 'କର ବା ମର' ଆହ୍ୱାନ କୋଟି କୋଟି ଭାରତୀୟଙ୍କ ହୃଦୟରେ ପ୍ରତିଧ୍ୱନିତ ହୋଇଥିଲା। କାଲାମ ଓ ନେହେରୁ ପ୍ରଭୃତି ଏହି ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବର ବ୍ୟାପକତା ଉପରେ ଗୁରୁତ୍ୱାରୋପ କରିଥିଲେ। ତହିଁ ପରଦିନ ୧୯୪୨ ଅଗଷ୍ଟ ୮ ତାରିଖରେ 'ଭାରତଛାଡ଼'ର ଏହି ପ୍ରସ୍ତାବ କଂଗ୍ରେସ କମିଟିଦ୍ୱାରା ଗୃହୀତ ହୋଇଥିଲା। ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ପର୍ଯ୍ୟନ୍ତ ଏ ଆନ୍ଦୋଳନକୁ ଜାରି ରଖିବାକୁ ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିଲା।

ଗାନ୍ଧିଜୀ ଆନ୍ଦୋଳନକୁ ବ୍ୟାପକ କରିବାକୁ ପ୍ରସ୍ତୁତ ହେବା ବେଳକୁ ତହିଁ ଆରଦିନ ଅଗଷ୍ଟ ୯ ତାରିଖ ପ୍ରତ୍ୟୁଷରେ ତାଙ୍କ ସମେତ କଂଗ୍ରେସର ତୁଙ୍ଗନେତାମାନଙ୍କୁ ବ୍ରିଟିଶ ପୋଲିସ ଗିରଫ କରିନେଲେ। ଅଗଷ୍ଟ ବିପ୍ଳବକୁ ଦମନ କରିବାକୁ ବ୍ରିଟିଶ ଶକ୍ତି ବହୁ ଚେଷ୍ଟା କରିଥିଲେ। ନେତାମାନଙ୍କୁ ଗିରଫ କରି ବ୍ରିଟିଶ ପୋଲିସ ଏହି ଆନ୍ଦୋଳନକୁ ନେତୃତ୍ୱହୀନ କରି ପକାଇଥିଲା। ମାତ୍ର ଏହି ଆନ୍ଦୋଳନ ଆପଣାଛାଏଁ ଏକ ଗଣଆନ୍ଦୋଳନ ଭାବେ ନିଆଁ ପରି ଜଳି ଉଠିଥିଲା। ସାରା ଭାରତ ଏହି ଆନ୍ଦୋଳନ ବା ବିପ୍ଳବରେ ପ୍ରକମ୍ପିତ ହୋଇପଡ଼ିଲା। ଅଗଷ୍ଟ ୩୧ ତାରିଖରେ ଭାରତର ତତ୍କାଳୀନ ବ୍ରିଟିଶ ବଡ଼ଲାଟ୍ ଲିନଲଥିଗୋ ଭୟଭୀତ ହୋଇ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କୁ ଗୋପନରେ ଚିଠି ଲେଖିଲେ ଯେ ୧୮୫୭ର ସିପାହୀ ବିଦ୍ରୋହ ପରେ ଏପରି ଭୟଙ୍କର ବିଦ୍ରୋହ ହୋଇନଥିଲା। ଏହି ବିପ୍ଳବ କ୍ରମେ ତୀବ୍ର ଆକାର ଧାରଣ କରିଥିଲା। ଅନେକ ସ୍ଥାନରେ ଲୋକେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ କଥା ଭୁଲିଯାଇ ଥାନା ପୋଡ଼ି ଦେଲେ। ରେଳପଥ ଓ ପୋଲ ଉଡ଼ାଇ ଦେଲେ। ବ୍ରିଟିଶ ପୋଲିସ୍ ଓ ସାମରିକ ବାହିନୀ ଗାଁ ଗହଳକୁ ଯେପରି ଆସି ନପାରିବେ ସେପରି ବ୍ୟବସ୍ଥା କରିଥିଲେ।

ଭାରତରେ ଏପରି ଗଣବିପ୍ଳବ ନିଷ୍ଚିତ ଭାବେ ଥିଲା ବଡ଼ ଧରଣର ଓ ଏହାର ପ୍ରଭାବ ସୈନ୍ୟ ବାହିନୀ ଉପରେ ମଧ୍ୟ ପଡ଼ିଥିଲା। ବ୍ରିଟିଶ ସୈନ୍ୟ ବାହିନୀରେ ଥିବା ଭାରତୀୟମାନେ ବିଦ୍ରୋହ ଆରମ୍ଭ କରି ଦେଇଥିଲେ। ସର୍ବଭାରତୀୟ ବ୍ରିଟିଶ ପୋଲିସ୍ ଓ ସୈନ୍ୟବାହିନୀ ଆଖିରେ ଧୂଳି ଦେଇ ଯେଉଁ ନେତାମାନେ ଗୋପନରେ ଏହି ଆନ୍ଦୋଳନକୁ ଚାଲୁ ରଖିଥିଲେ, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମ ମନୋହର ଲୋହିଆ ଓ ଅରୁଣା ଆସଫ୍ ଅଲ୍ଲୀ। ସେମାନଙ୍କୁ ସେତେବେଳେ ଯେଉଁ ଯୁବକ ଜଣକ ସାହାଯ୍ୟ କରୁଥିଲେ ସେ ଥିଲେ ଡାଲମିଆଁ, ଜୈନ କମ୍ପାନୀର ସୁଦକ୍ଷ ବିମାନ ଚାଳକ ବିଜୁ ପଟ୍ଟନାୟକ। ଶେଷରେ ବ୍ରିଟିଶ ପୋଲିସ ବିଜୁଙ୍କୁ ଧରି ନେଇ ନାନାଦି ଶାରୀରିକ ନିର୍ଯ୍ୟାତନା ଦେଇଥିଲେ। ଭାରତରେ ଏହି ଆନ୍ଦୋଳନରେ ପ୍ରାୟ ୧୫ ହଜାର ଲୋକ ପ୍ରାଣ ହରାଇଥିଲେ। ହଜାର ହଜାର ମହିଳାଙ୍କୁ କୁଆଡ଼େ ଧର୍ଷଣ କରାଯାଇଥିଲା। ସଡ଼େଇରେ ବେଶ୍ୟାମାନଙ୍କ ପରିସ୍ରା ନେଇ ନିରୀହ ଲୋକଙ୍କ ଉପରକୁ ଫିଙ୍ଗା ଯାଉଥିଲା।

## ଓଡ଼ିଶାରେ ଅଗଷ୍ଟ ବିପ୍ଳବ

ଓଡ଼ିଶାରେ ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟ ବିପ୍ଳବର ଅଭୁତପୂର୍ବ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ ଏହି ବିପ୍ଳବରେ ଓଡ଼ିଶାରୁ ପ୍ରାୟ ଚାରି ହଜାର ସଂଗ୍ରାମୀ ଗିରଫ ହୋଇଥିଲେ। ସେତେବେଳେ ଓଡ଼ିଶାର ଲୋକସଂଖ୍ୟା ବହୁତ କମ୍ ଥିଲା। ଓଡ଼ିଶାର ୭ଟି ସ୍ଥାନରେ ଗୁଳିକାଣ୍ଡ ହୋଇଥିଲା, ଯେଉଁଥିରେ ୭୨ ଜଣ ପ୍ରାଣ ହରାଇଥିଲେ। ଓଡ଼ିଶାର ତିନୋଟି ଜେଲରେ କୁଆଡ଼େ ୬୮ ଜଣ ପ୍ରାଣ ହରାଇଥିଲେ ଓ ୨୦ ହଜାର ଟଙ୍କାର ଜୋରିମାନା ବିଭିନ୍ନ ସ୍ଥାନରୁ ଆଦାୟ ହୋଇଥିଲା।

୧୯୪୨ ଅଗଷ୍ଟ ୯ରୁ ଓଡ଼ିଶାରେ ଆରମ୍ଭ ହୋଇଥିବା ଏହି ବିପ୍ଳବରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଲୁଣିଆ, ଖଇରାଡ଼ିହି ଓ ଇରମଠାରେ ବ୍ରିଟିଶ ପୋଲିସ ଗୁଳିରେ ୪୨ ଜଣ ପ୍ରାଣ ହରାଇଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ମାଥିଲି ଓ ପାପଡ଼ାହାଣ୍ଡିରେ ପୁଲିସ୍ ୨୫ ଜଣଙ୍କୁ ଗୁଳି କରି ମାରିଥିଲା। କଟକ ଜିଲ୍ଲାର କାଇପଡ଼ାଠାରେ ସେହିପରି ୪ ଜଣ ଓ ପୁରୀ ଜିଲ୍ଲାର ନିମାପଡ଼ାରେ ଜଣେ ପୁଲିସ୍ ଗୁଳିରେ ପ୍ରାଣ ହରାଇଥିଲେ। କୋରାପୁଟ ଓ ନବରଙ୍ଗପୁର ଜେଲ୍‌ରେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ୬୭ ଜଣଙ୍କର ପ୍ରାଣହାନୀ ଘଟିଥିଲା।

ଏହି ଆନ୍ଦୋଳନ ପ୍ରଭାବରେ ଯେଉଁ ଘଟଣାଟି ଗୁରୁତ୍ୱପୂର୍ଣ୍ଣ ଥିଲା, ତାହା ହେଲା କୋରାପୁଟରେ ଆଦିବାସୀ ନେତା ଲକ୍ଷ୍ମଣ ନାଏକ ଅଗଷ୍ଟ ବିପ୍ଳବରେ ସକ୍ରିୟ ଅଂଶଗ୍ରହଣ କରି ବ୍ରହ୍ମପୁର ଜେଲ୍‌ରେ ୧୯୪୩ ମାର୍ଚ୍ଚ ୨୮ରେ ଫାଶୀଦଣ୍ଡ ପାଇଥିଲେ। ଅଗଷ୍ଟ ବିପ୍ଳବରେ ଫାଶୀ ପାଇଥିବା ଏକମାତ୍ର ଓଡ଼ିଆ ଆଦିବାସୀ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ ଲକ୍ଷ୍ମଣ। ସେ ଜଣେ ଫରେଷ୍ଟ ଗାର୍ଡ଼ଙ୍କୁ ହତ୍ୟା କରିଥିଲେ ବୋଲି ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିଲା।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ଭଦ୍ରକ ଅନ୍ତର୍ଗତ ଇରମର ଗୁଳିକାଣ୍ଡ। ୧୯୪୨ ସେପ୍ଟେମ୍ବର ୨୮ ତାରିଖରେ ସଂଧ୍ୟା ପ୍ରାୟ ୫ଟା ସମୟରେ ବ୍ରିଟିଶ ସରକାରଙ୍କ ବିରୋଧରେ ସେଠାରେ ଚାଲିଥାଏ ସଭା। ବ୍ରିଟିଶ ପୁଲିସ୍ ସେଠାରେ ଗୁଳିକରି ୨୯ ଜଣଙ୍କୁ ନିହତ କରିବା ସଂଗେସଂଗେ ୧୫୦ ଜଣଙ୍କୁ କ୍ଷତବିକ୍ଷତ କରି ପକାଇଥିଲେ। ଶହ ଶହ ଲୋକ ଗିରଫ ହେଲେ। ଏହାକୁ ଦ୍ୱିତୀୟ ଜାଲିଆନାୱାଲାବାଗ ବୋଲି କୁହାଯାଏ। ପଞ୍ଜାବର ଜାଲିଆନାୱାଲାବାଗ୍ ଘଟଣା ପରେ ସମ୍ଭବତଃ ଅନ୍ୟତ୍ର କୌଣସିଠାରେ ଏକାସାଙ୍ଗରେ ଏତେ ଲୋକ ବ୍ରିଟିଶ ପୁଲିସ୍ ଗୁଳିରେ ନିହତ ହୋଇନଥିଲେ।

ଭାରତଛାଡ଼ ଆନ୍ଦୋଳନ ବେଳେ ଓଡ଼ିଶାର ପୂର୍ବତନ ଗଡ଼ଜାତ ତାଳଚେର, ଢେଙ୍କାନାଳ, ନୟାଗଡ଼, ଆଠଗଡ଼ ଓ ନୀଳଗିରିର ଲୋକ 'ପ୍ରଜାମଣ୍ଡଳ' ନେତୃତ୍ୱରେ ମଧ୍ୟ ଜୋରଦାର୍ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ସମୟରେ ଭାରତର ୬ଟି ସ୍ଥାନରେ ବ୍ରିଟିଶ ସରକାର ବିମାନରୁ ଗୁଳିବର୍ଷଣ କରିଥିଲେ। ସେଥିମଧ୍ୟରେ ଓଡ଼ିଶାର ତାଳଚେର ଉପରେ ବିମାନରୁ ଗୁଳିବର୍ଷଣ ହୋଇଥିଲା।

ସ୍ୱାଧୀନ ଭାରତର ନାଗରିକଭାବେ ଆମେ ଆଜି ସ୍ୱାଧୀନତାର ସ୍ୱାଦରେ ମସ୍‌ଗୁଲ ଥିଲାବେଳେ ଯେଉଁମାନେ ସ୍ୱାଧୀନତା ପାଇଁ ଲଢ଼େଇ କରି ଶହୀଦ ହୋଇଥିଲେ, କାରାବରଣ କରିବା ସହିତ ନାନାଦି ନିର୍ଯ୍ୟାତନା ଭୋଗିଥିଲେ, ସେମାନଙ୍କୁ ମନେ ରଖିଛି ବା କିଏ ? ଯେଉଁ  ସ୍ୱାଧୀନତା ସଂଗ୍ରାମୀମାନେ ଆଜି ବି ଆମ ଗହଣରେ ଅଛନ୍ତି, ସେମାନଙ୍କ ସଂଖ୍ୟା କମି ଆସିଲାଣି। ଆଉ କେତେବର୍ଷ ପରେ ସେମାନେ ଆଉ ଆମ ଗହଣରେ ନଥିବେ। ମାତ୍ର ଇତିହାସ ସେମାନଙ୍କୁ ଭୁଲି ନ ଯାଉ।